# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 03 March - 2025

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ଅପରାଧ ସ୍ଥିତି ନେଇ ସରକାର ଖୁବ୍‌ଶୀଘ୍ର ଶ୍ୱେତପତ୍ର ପ୍ରକାଶ କରିବେ; କହିଲେ ମୁଖ୍ୟମନ୍ତ୍ରୀ
- ଅନାଥ ଶିଶୁଙ୍କୁ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ଝାରସୁଗୁଡ଼ା ଜିଲ୍ଲାରେ କାର୍ଯ୍ୟକାରୀ ହେବ ପୋଷ୍ୟ ସନ୍ତାନ ଯୋଜନା
- ପୁରୀ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆରମ୍ଭ ହେବ ସ୍ୱତନ୍ତ୍ର 'ଆପ୍'

ଏବଂ

- ବୌଦ୍ଧଠାରେ ୧୬ତମ ସର୍ବଭାରତୀୟ ଡି.ଏସ୍. ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

*HS*

## ଖାରବେଳ ଭବନ

ରାଜ୍ୟ ସରକାର ଖାରବେଳ ଭବନରେ ଉପଲବ୍ଧ ସୁବିଧାଗୁଡ଼ିକର ସାମଗ୍ରୀକ ତଦାରଖ ଓ ପରିଚାଳନା ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ନୋଡାଲ ବିଭାଗ ଭାବେ ମନୋନୀତ କରିଛନ୍ତି। ଉପଲବ୍ଧ ଭିତ୍ତିଭୂମି ଏବଂ ସୁବିଧାଗୁଡ଼ିକର ସମନ୍ୱିତ ତଦାରଖର ବର୍ଦ୍ଧିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଖାରବେଳଭବନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଭବନ ଭାବେ କାର୍ଯ୍ୟକାରୀ କରିଆସୁଛି। ଏକ ଅନୁକୂଳ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ସହ ଅତ୍ୟାବଶ୍ୟକୀୟ ସୁବିଧା ଯୋଗାଇ ଦେବା ପାଇଁ ପୂର୍ବରୁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେହିଭଳି କର୍ମଚାରୀ ଏବଂ ପରିଦର୍ଶକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାର ଏକ କ୍ୟାଣ୍ଟିନ୍ ଏବଂ କ୍ରେଚ୍ ଭଳି ନୂତନ ସୁବିଧାର ବିକାଶ କରିବାକୁ ବିଚାର କରୁଥିବା ଜଣାପଡ଼ିଛି।

*Desk*

## ପୋଷ୍ୟସନ୍ତାନ ଯୋଜନା

ଝାରସୁଗୁଡ଼ା ଜିଲ୍ଲାରେ ଖୁବ୍‌ଶୀଘ୍ର ପୋଷ୍ୟସନ୍ତାନ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏପ୍ରିଲ ପହିଲାରୁ ଜିଲ୍ଲାର ଅନାଥ ଶିଶୁଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି। ସି.ଏସ୍.ଆର୍ ପାଣ୍ଠି

ବିନିଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏଥିପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଏମ୍.ସି.ଏଲ୍. କର୍ତ୍ତୃପକ୍ଷ, ମହିଳା ଓ ଶିଶୁ ବିକାଶ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଏହି କମିଟିର ସଦସ୍ୟ ରହିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

**- V/O –**

***Kalahandi/Boudh/Baragada/G.pati/K.para/BHK/R.gada/N.gada***

## ଜିଲ୍ଲା- ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଅଞ୍ଚଳରେ ହୋଇଥିବା ଜନଅଭିଯୋଗ ଶୁଣାଣି ଗୁଡ଼ିକର ଖବର ଆମର ହସ୍ତଗତ ହୋଇଛି। ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ବୈଠକରେ ୬୧ଟି ଅଭିଯୋଗ ମଧ୍ୟରୁ ୩ଟି ତତ୍କାଳ ସମାଧାନ ହୋଇଛି। ଏହି ଅଭିଯୋଗଗୁଡ଼ିକ ମଧ୍ୟରେ ୪୯ଟି ବ୍ୟକ୍ତି ଏବଂ ୧୨ଟି ଗୋଷ୍ଠୀଗତ ଅନ୍ତର୍ଭୁକ୍ତ।

ନୟାଗଡ଼ ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୧୪୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୩୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣିରେ ୧୬୭ଟି ଅଭିଯୋଗର ଶୁଣାଣି ହୋଇଥିଲା। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୭ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଏବଂ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୮୦ଟି ଅଭିଯୋଗର ଶୁଣାଣି କରାଯାଇଛି। ୫ଟିର ତୁରନ୍ତ ସମାଧାନ କରାଯିବା ସହ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

କେନ୍ଦ୍ରାପଡ଼ା ସଦର ମହକୁମାଠାରେ ଅନୁଷ୍ଠିତ ଶିବିରରେ ୧୯୮ଟି ଅଭିଯୋଗର ଶୁଣାଣି ହୋଇଛି। ସେଥିମଧ୍ୟରୁ ୨୧ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

କଳାହାଣ୍ଡି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦୀପ ପଞ୍ଜୀକୃତ ୯୦ଟି ଅଭିଯୋଗ ମଧ୍ୟରୁ ୧୦ଟିର ତତ୍କାଳ ସମାଧାନ କରିଛନ୍ତି।

ବୌଦ୍ଧ ଜିଲ୍ଲା ସଦର ବ୍ଲକ କାର୍ଯ୍ୟାଳୟଠାରେ ଜନଅଭିଯୋଗ ଶୁଣାଣି ଶିବିରରେ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି।

ବରଗଡ଼ ଜିଲ୍ଲା ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ୯୪ଟି ଅଭିଯୋଗ ଉପରେ ଶୁଣାଣି ହୋଇଛି ।

***Desk***

## ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି । ପଞ୍ଜୀକୃତ ହୋଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୮୪ ପ୍ରତିଶତ ଅଭିଯୋଗର ସମାଧାନ ହୋଇଥିବା ବେଳେ ବଳକା ଅଭିଯୋଗ ଗୁଡ଼ିକ ବିଚାରାଧୀନ ରହିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଶୁଣାଣି ସମୟରେ ଚାରିଜଣଙ୍କ ସମସ୍ୟାର ସମାଧାନ ଲାଗି ମୁଖ୍ୟମନ୍ତ୍ରୀ ତତ୍କାଳ ଆର୍ଥିକ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଆସନ୍ତା ଦୁଇ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

**- V/O –**

***HS***

## ମୁଖ୍ୟମନ୍ତ୍ରୀ- ଶ୍ୱେତପତ୍ର

ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ହେଉଥିବା ଅପରାଧ ସ୍ଥିତି ନେଇ ସରକାର ଖୁବ୍‌ଶୀଘ୍ର ଶ୍ୱେତପତ୍ର ପ୍ରକାଶ କରିବେ ବୋଲି ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ କହିଛନ୍ତି। ମହିଳା ବିରୋଧୀ ଅପରାଧ ହ୍ରାସ ପାଇଛି । ଏ କ୍ଷେତ୍ରରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O –**

***Puri***

## ରଥଯାତ୍ରା- ଆପ୍

ଶ୍ରୀକ୍ଷେତ୍ର ପୁରୀରେ ଆଗାମୀ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କର ସୁବିଧାକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର 'ଆପ୍' କାର୍ଯ୍ୟକାରୀ କରାଯିବ। ପୁରୀ ସର୍କିଟ୍ ହାଉସ୍‌ଠାରେ ଆଜି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅକ୍ଷୟ ତୃତୀୟାଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକାନ୍ତି, ଭିଡ଼ ନିୟନ୍ତ୍ରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଏବଂ ଆଇନ ଶୃଙ୍ଖଳା ରକ୍ଷା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଚଳିତ ବର୍ଷ ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ଏ.ଆଇ. କ୍ୟାମେରା ଉପଯୋଗ କରାଯିବ ବୋଲି ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

***Boudh***

## ତଦାରଖ କମିଟି ବୈଠକ

ବୌଦ୍ଧ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ

ଉନ୍ନୟନମୂଳକ ଯୋଜନାର ସ୍ଥିତି ନେଇ ସମୀକ୍ଷା କରାଯାଇଛି। ବିକାଶ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ନେଇ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ଉପରେ ଶ୍ରୀ ପାଣିଗ୍ରାହୀ ଗୁରୁତ୍ୱ ଦେଇଥିଲେ। ସାଂସଦ ପାଣ୍ଠି ଉପଯୋଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟରେ ଶେଷ କରିବା ପାଇଁ ଶ୍ରୀ ପାଣିଗ୍ରାହୀ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଏହି ବୈଠକରେ ଯୋଗ ଦେଇଥିଲେ।

***Nayagada***

## ନାଟ୍ୟମେଳା

ନୟାଗଡ଼ ଜିଲ୍ଲା ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳା ଉଦ୍‌ଘାଟିତ ହୋଇଛି। ବିଧାୟକ ଡକ୍ଟର ଅରୁଣ କୁମାର ସାହୁ ଏହାକୁ ଉଦ୍‌ଘାଟନ କରି ଐତିହ୍ୟ ଓ ସଂସ୍କୃତି ରକ୍ଷା କ୍ଷେତ୍ରରେ ଏଭଳି ନାଟ୍ୟମେଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି କହିଛନ୍ତି। ଛଅ ଦିନ ଧରି ଏହି ନାଟ୍ୟମେଳା ଅନୁଷ୍ଠିତ ହେବ।

***HS***

## ବାଘୁଣୀ ଜିନ୍ନତ

ବାଘୁଣୀ ଜିନ୍ନତ ପାଇଁ ଏକ ନୂତନ ଏନ୍‌କ୍ଲୋଜର ନିର୍ମାଣ କରାଯାଇଛି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପ୍ରେମ କୁମାର ଝା’ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଜିନ୍ନତକୁ ଏହି ନୂଆ ଏନ୍‌କ୍ଲୋଜରକୁ ସ୍ଥାନିତ କରାଯିବ। ସ୍ଥିତି ଦେଖି ସେଠାରୁ ବାଘୁଣୀ ଜିନ୍ନତକୁ ଜଙ୍ଗଲରେ ଛଡ଼ାଯିବ ବୋଲି ସେ କହିଛନ୍ତି। ଜିନ୍ନତ ପୁରା ସୁସ୍ଥ ଅଛି ଏବଂ ଶୀକାର କରିପାରୁଛି ବୋଲି ଶ୍ରୀ ଝା’ କହିଛନ୍ତି।

*Malkangiri*

## ବଡ଼ଯାତ୍ରା

ମାଲକାନଗିରି ଜିଲ୍ଲାରେ ଆଜିଠାରୁ ବଡ଼ଯାତ୍ରା ଆରମ୍ଭ ହୋଇଛି । ତିନିଠାକୁର ଶ୍ରୀକାନାମ ରାଜ, ବାଲରାଜ, ପୋତରାଜ ଏବଂ ଦେବୀ ମୁତ୍ୟାଲୁଆମ୍ମାଙ୍କୁ ପୂର୍ବାହ୍ନରେ କାଲିମେଳା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡାଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଠାକୁରଙ୍କୁ ଦୋଳ ବିମାନ ଯୋଗେ ଆନ୍ଧ୍ରପ୍ରଦେଶର ପୋଲେର ଗ୍ରାମ ଅଭିମୁଖେ ନିଆଯାଇଥିଲା । ସେଠାରେ ପହଁଞ୍ଚିବାପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଠାକୁରଙ୍କର ସ୍ନାନ ଅନୁଷ୍ଠିତ ହୋଇଥିଲା । ଏହାପରେ ଠାକୁର ମାନ୍ୟମକୋଣ୍ଡା ପ୍ରତ୍ୟାବର୍ତ୍ତନ କରିଛନ୍ତି । ଶ୍ରଦ୍ଧାଳୁ ମାନ୍ୟମକୋଣ୍ଡାଠାରେ ଆସନ୍ତାକାଲି ଦର୍ଶନ କରିପାରିବେ । ବୁଧବାର ଦିନ ମାନ୍ୟମକୋଣ୍ଡାରୁ ଠାକୁର ବାହାରି ବିଭିନ୍ନ ଗ୍ରାମରେ ଅବସ୍ଥାନ କରି ୮ତାରିଖରେ ମାଲକାନଗିରିରେ ପହଁଞ୍ଚିବେ । ଠାକୁରଙ୍କର ଏହି ନୀତି ଦେଖିବା ଲାଗି ରାଜ୍ୟ ସମେତ ଆନ୍ଧ୍ରପ୍ରଦେଶ, ଏବଂ ଛତିଶଗଡ଼ର ବହୁ ଶ୍ରଦ୍ଧାଳୁଙ୍କର ଭିଡ଼ ହୋଇଥିଲା ।

*Boudh*

## ଫୁଟବଲ ମ୍ୟାଚ୍

ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମଠାରେ ୧୬ତମ ସର୍ବଭାରତୀୟ ଡ଼ି.ଏସ୍. କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହୋଇଛି । ଜିଲ୍ଲା ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୯ ତାରିଖରେ ଉଦ୍‌ଯାପିତ ହେବ । ଏଥିରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆଠଟି ଦଳ ଅଂଶଗ୍ରହଣ କରିଛନ୍ତି । ଉଦ୍‌ଘାଟନୀ ସମାରୋହରେ ସାଂସଦ

ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଉଦ୍‌ଘାଟନୀ ମ୍ୟାଚ୍‌ରେ ଏମ୍.ଇ.ଜି. ସେଣ୍ଟର ବେଙ୍ଗାଲୁରୁ ୨-୧ ଗୋଲ୍‌ରେ କୋଲକାତା ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ଆସନ୍ତାକାଲି ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ବରଗଡ଼ ଏବଂ ବୌଦ୍ଧ ଜିଲ୍ଲା ଫୁଟବଲ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯିବ।

***Ganjam***

## ଜନଔଷଧି ପରିଯୋଜନା

ଦେଶବାସୀଙ୍କୁ ସୁଲଭ ମୂଲ୍ୟରେ ଔଷଧ ଏବଂ ଚିକିତ୍ସା ଉପକରଣ ପ୍ରଦାନ ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଜନଔଷଧି ପରିଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ସହର ଓ ଗ୍ରାମାଞ୍ଚଳରେ ଜନଔଷଧି କେନ୍ଦ୍ର ଖୋଲାଯିବା ସହ ସାଧାରଣ ଗରିବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ କମ୍ ଦରରେ ଔଷଧ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ଜନସେଚତନତା ସୃଷ୍ଟି ନେଇ ଚଳିତ ମାସ ପହିଲାରୁ ୭ ତାରିଖ ପର୍ଯ୍ୟନ୍ତ ଜନଔଷଧି ଜନଚେତନା ସପ୍ତାହ ପାଳନ କରାଯାଉଛି।

ଗଞ୍ଜାମ ଜିଲ୍ଲା ଛତ୍ରପୁର ସଦର ମହକୁମାର ଜଣେ ଉପଭୋକ୍ତା ସୁଶାନ୍ତ କୁମାର ନାୟକ ଆକାଶବାଣୀକୁ ସୂଚନା ଦେଇ କହିଛନ୍ତି...

**- V/O -**

*****